**କୃଷି ସୂଚନା ସେବା (ଧାନ)**
**କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ**

**୨୦୧୫ ମସିହା ସେପ୍ଟେମ୍ବର ମାସ ଦ୍ୱିତୀୟ ପକ୍ଷ ପାଇଁ କାର୍ଯ୍ୟପନ୍ଥା :**

- ବର୍ଷାଶ୍ରିତ ସ୍ୱଳ୍ପଖାଲୁଆ ସିଧା ଛଟାବୁଣା ଯାଇଥିବା ଜମିରେ ଏକ ତୃତୀୟାଂଶ ଯବକ୍ଷାରଜାନ ସାର (୩୫ କି.ଗ୍ରା. ୟୁରିଆ/ହେକ୍ଟର) ପିଲସାର ହିସାବରେ ପ୍ରୟୋଗ କରନ୍ତୁ ।

- ଏକ ତୃତୀୟାଂଶ ଯବକ୍ଷାରଜାନ ସାର(ଅଧିକ ଅମଳକ୍ଷମ ଧାନ କିସମପାଇଁ ୬୦ କି.ଗ୍ରା. ୟୁରିଆ ଏବଂ ଶଙ୍କର ଧାନ ପାଇଁ ୭୦ କି.ଗ୍ରା. ୟୁରିଆ ସାର ଧାନରୁଆର ୨୦-୨୫ ଦିନ ପରେ(ଘାସ ବାଛିସାରିବା ପରେ) ପିଲସାର ଭାବେ ପ୍ରୟୋଗ କରନ୍ତୁ  କିନ୍ତୁ ଡେରିରେ ରୁଆଯାଇଥିବା ଧାନରେ ୨୦% ଅଧିକ ଯବକ୍ଷାରଜାନ ପ୍ରୟୋଗ କରନ୍ତୁ ।

- ସଅଳ/ଠିକ୍ ସମୟରେ ରୁଆଯାଇଥିବା ଧାନରେ  ୪୦-୪୫ ଦିନ ପରେ (ଅଧିକ ଅମଳକ୍ଷମ ଧାନ କିସମପାଇଁ ୬୦ କି.ଗ୍ରା. ୟୁରିଆ ଏବଂ ଶଙ୍କର ଧାନ ପାଇଁ ୭୦ କି.ଗ୍ରା. ୟୁରିଆ ସାର ) ଥୋଡ ସାର ଭାବରେ ପ୍ରୟୋଗ କରନ୍ତୁ ।

- ଅତି ଖାଲୁଆ ଜମି ଯେଉଁଠାରେ ପାଣି ବାହାରିଯିବାର ସୁବିଧା ନଥିବ ସେଠାରେ ୟୁରିଆ ସାରକୁ ମାଟିରେ ମିଶାଇ ଗୁଳା ତିଆରି କରି ପିଲସାର ହିସାବରେ ପ୍ରୟୋଗ କରନ୍ତୁ ।

- ଜମିରେ ଜଳୀୟ ଅଂଶ କମ୍ ହେଲେ ଅଳ୍ପ ପରିମାଣର ଜଳସେଚନ କରନ୍ତୁ । ଧାନ ଗଛ ଭଲଭାବେ ବଢ଼ିବା ପାଇଁ ପୋଟାସିୟମ୍ ନାଇଟ୍ରେଟ୍  @ ୨% ସିଞ୍ଚନ କରନ୍ତୁ ।

- କାଣ୍ଡବିନ୍ଧା ପୋକର ନିରୀକ୍ଷଣ ପାଇଁ ରୁଆଧାନରେ ପ୍ରତିହେକ୍ଟର ପିଛା ୮ ଟି ହିସାବରେ ଯୌନ ସମ୍ବେଦନଶୀଳ ଯନ୍ତା ରଖନ୍ତୁ । ଯେତେବେଳେ ପୁରୁଷ ପ୍ରଜାପତିର ସଂଖ୍ୟା ଯନ୍ତାପ୍ରତି ୪ ରୁ ୫ଟି ହୋଇଯିବ, ତେବେ ଥିଆମେଥୋକ୍ସାମ୍ ୨୫ WG @  ୧୦୦ ଗ୍ରାମ୍ ପ୍ରତି ହେକ୍ଟର କିମ୍ବା କ୍ଲୋରୋପାଇରିଫସ୍ ୨୦ EC  @ ୧୫୦୦ ମି.ଲି./ହେକ୍ଟର ୫୦୦ ଲିଟର ପାଣିରେ ମିଶାଇ ବ୍ୟବହାର କରନ୍ତୁ ଏବଂ ଯଦି ପରବର୍ତ୍ତୀ ପର୍ଯ୍ୟାୟରେ ପୋକ ଚିହ୍ନଟ ହୁଏ ସେଥିପାଇଁ ରାଇନାକ୍ସିପାର୍ ୦.୪ G ୧୦ କି.ଗ୍ରା. ହେକ୍ଟର ପିଛା କିମ୍ବା କାର୍ବୋଫୁରାନ୍ ୩ G @ ୩୩ କି.ଗ୍ରା./ହେକ୍ଟର ହିସାବରେ ପ୍ରୟୋଗ କରନ୍ତୁ ।

- ଏହି ସମୟରେ ଲେଡା ପୋକ, ବିରହା ପୋକ, ନଳୀପୋକ ଲାଗିବାର ସମ୍ଭାବନା ଥାଏ ତେବେ କ୍ଲୋରୋପାଇରିଫସ୍ ୨୦ EC @ ୩ ମି.ଲି. ପ୍ରତିଲିଟର ପାଣି କିମ୍ବା ଟ୍ରାଇଜୋଫସ୍ ୪୦ EC @ ୨.୫ ମି.ଲି.ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ହେକ୍ଟର ପିଛା ୫୦୦ ଲିଟର ପାଣି ବ୍ୟବହାର କରନ୍ତୁ ।

- ବଙ୍ଗୀପୋକକୁ ଦମନ କରିବା ପାଇଁ କାର୍ବୋସଲଫାନ୍ ୨୫% EC @ ୧ ଲିଟର ହେକ୍ଟର ପିଛା

କିମ୍ବା କାରଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪ G @ ୨୫ କି.ଗ୍ରା. ପ୍ରତି ହେକ୍ଟର କିମ୍ବା କାର୍ବୋଫୁରାନ୍ ୩ G @ ୩୩ କି.ଗ୍ରା. ହେକ୍ଟର ପିଛା ହିସାବରେ ପ୍ରୟୋଗ କରନ୍ତୁ ।

- ପତ୍ରପୋଡା, ପତ୍ରପୋଡା ଗାର(Leaf streak) ଧାନରେ ଦେଖା ଦିଏ ତେବେ ପ୍ଲାଣ୍ଟୋମାଇସିନ୍ ୧ ଗ୍ରା./ଲିଟର ପାଣି କିମ୍ବା ଷ୍ଟ୍ରେପ୍ଟୋସାଇକ୍ଲିନ୍ ୧୫୦ ମି.ଗ୍ରା. ସହିତ କପର ଅକ୍ସିକ୍ଲୋରାଇଡ୍ ୧ ଗ୍ରାମ୍ ପ୍ରତି ଲିଟର ପାଣିରେ ମିଶାଇ ୮ ଦିନ ଅନ୍ତରରେ ଦୁଇଥର ସିଞ୍ଚନ କରନ୍ତୁ । ହେକ୍ଟର ପିଛା ୫୦୦ ଲିଟର ପାଣି ବ୍ୟବହାର କରନ୍ତୁ ।
- ମହିଷା ରୋଗ ଦେଖାଦେଲେ କାର୍ବେନ୍ ଡାଜିମ୍ ୫୦ WP @ ୨ ଗ୍ରା./ଲିଟର କିମ୍ବା ଟ୍ରାଇସାଇକ୍ଲାଜୋଲ୍ ୭୫ WP @ ୦.୬ ଗ୍ରା./ଲିଟର ପିଛା ପ୍ରୟୋଗ କରନ୍ତୁ କିମ୍ବା ବେଲ ପତ୍ର ରସ(୨୫ ଗ୍ରାମ ପତ୍ର) କିମ୍ବା ତୁଳସୀ ( ୨୫ ଗ୍ରାମ ପତ୍ର) କିମ୍ବା ନିମ୍ବ (୨୦୦ ଗ୍ରାମ ପତ୍ର) ରସ ଏକ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।
- ଉଚ୍ଚା ଜମିରେ ପ୍ରତି ବର୍ଗମିଟର ପିଛା ୨-୩ଟି ଗନ୍ଧିପୋକ ଦେଖାଦେଲେ ସକାଳେ କିମ୍ବା ସନ୍ଧ୍ୟାରେ ମିଥାଇଲ୍ ପାରାଥିଅନ୍ ଗୁଣ୍ଡ @ ୨୫ କି.ଗ୍ରା. ପ୍ରତି ହେକ୍ଟର ପିଛା ପ୍ରୟୋଗ କରନ୍ତୁ ।
- ଫସଲ ସୁରକ୍ଷା ପାଇଁ ଯେକୌଣସି ଔଷଧ ସିଞ୍ଚନ କଲାବେଳେ ପାଗ ପରିଷ୍କାର ଥିବା ଦରକାର । ବର୍ଷା ହେଉଥିବା ବେଳେ ଔଷଧ ପ୍ରୟୋଗ କରନ୍ତୁ ନାହିଁ ।

*****